## ସଂକ୍ଷେପରେ

### ଗଜପତିରୁ ଗଞ୍ଜେଇ ଚାଲାଣ, ୪ ଗିରଫ

ବ୍ରହ୍ମପୁର ଅଫିସ,୧୨।୧୨: ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଲଗାତାର ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଧରାଯାଉଛି। ରବିବାର ରାତିରେ ଅବକାରୀ ଗୁଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଗୋପାଳପୁର ଜଙ୍କଶନ ନିକଟରେ ବସକୁ ଅପେକ୍ଷା କରିଥିବା ୪ଜଣଙ୍କ ଠାରୁ ୩୫କେଜି ଗଞ୍ଜେଇ ଜବତ କରିଛି। ଏଥିସହ ୪ ଅଭିଯୁକ୍ତ ପଶ୍ଚିମବଙ୍ଗର ମଉସାଦ ରେହେମାନ ଗାଜି, ବିହାରର ରଞ୍ଜିତ ପାଶ୍ୱନ, ଗଜପତି ଜିଲା ଆର. ଉଦୟଗିରିର ହୁରିଆ ରାଇକା ଓ ପୁରୀର ମନୋଜ ନାୟକଙ୍କୁ ଗିରଫ କରାଯାଇଛି। ଅବକାରୀ ଟିମ୍ ମଉସାଦ, ରଞ୍ଜିତ ଓ ହୁରିଆଙ୍କ ନିକଟରୁ ୧୦ କେଜି ଲେଖାଏ ଏବଂ ମନୋଜଙ୍କ ନିକଟରୁ ୫ କେଜି ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତମାନେ ଗଜପତି ଅଞ୍ଚଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଯାଉଥିବା ବସରେ ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ କହିଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଡେପୁଟି କମିଶନର ଅଶୋକ ଶତପଥୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅବକାରୀ ଗୋଇନ୍ଦା ପୋଲିସ ପ୍ରେମନଗର ଅଞ୍ଚଳରୁ ଏକ ଅଟୋରେ ଚାଲାଣ ହେଉଥିବା ଗୁଟ୍‌ଖା ମଧ ଜବତ କରିଛି। ଅଟୋ ସହ ୩ ବସ୍ତା ଗୁଟଖା ଜବତ ହୋଇଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି।

### ମହିଳାଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୨।୧୨: ଜଣେ ମହିଳାଙ୍କୁ ପ୍ରତାରିତ କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ପୋଚିଲିମାର ରଞ୍ଜନ ଦାସ। ସୋମବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ସନ୍ଧ୍ୟାରେ ପୀଡ଼ିତାଙ୍କ ଜେଏମ୍ଏଫସି କୋର୍ଟରେ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ମହିଳା ଜଣଙ୍କୁ କାମ ଦେବେ ବୋଲି କହି ରଞ୍ଜନ ତାଙ୍କ ନିକଟତର ହୋଇଥିଲେ। ପରବର୍ତ୍ତୀ ସମୟରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ମହିଳାଙ୍କୁ ବିବାହ କରିବେ ନାହିଁ ବୋଲି ଧମକ ଦେବା ସହ ପ୍ରତାରିତ କରିଥିଲେ। ପୀଡ଼ିତା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ନଂ. ୬୧୨/୨୨ରେ ମାମଲା ରୁଜୁ ହୋଇଥିଲା।

### ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

ଜି.ଉଦୟଗିରି,୧୨।୧୨(ଡି.ଏନ୍.ଏ.): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଭାରତୀୟ ଷ୍ଟେଟବ୍ୟାଙ୍କ ସହାୟତାରେ ୧୦୦ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅନିଲ କୁମାର ମଲ୍ଲିକ ଓ ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନଙ୍କ ସହ ସମସ୍ତ ସରପଞ୍ଚ ଉପସ୍ଥିତ ରହି କମ୍ବଳ ବାଣ୍ଟିଥିଲେ। ବ୍ୟାଙ୍କ କର୍ମଚାରୀ ରୋହିତ କୁମାର ସାହୁ ଓ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ବିଏମ୍‌ସିର ୧୨ ଜଣିଆ ଟିମ୍ ଯିବ କେରଳ

- ଥିରୁଭାନନ୍ତପୁରମରେ ବିଭିନ୍ନ ଯୋଜନା ଅନୁଧାନ କରିବେ
- ନେତୃତ୍ୱ ନେବେ ମେୟର

ବ୍ରହ୍ମପୁର ଅଫିସ,୧୨।୧୨

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ବିଭିନ୍ନ ଦଳର ୧୦ ଜଣ କର୍ପୋରେଟର ଆସନ୍ତା ୧୬ ତାରିଖରେ କେରଳ ରାଜଧାନୀ ଥିରୁଭାନନ୍ତପୁରମ ଯିବେ। ସେଠାରେ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ରହି କେରଳ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ପରିଦର୍ଶନ କରି ୨୦ ତାରିଖରେ ଫେରିବେ। ମେୟରଙ୍କ ସୂଚନାନୁସାରେ ଥିରୁଭାନନ୍ତପୁରମ ମ୍ୟୁନିସିପାଲ କର୍ପୋରେଶନରେ କାର୍ଯ୍ୟକାରୀ ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ରାସ୍ତାଘାଟ ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଆଦି ବିଏମ୍‌ସି ଟିମ୍ ଅନୁଧାନ କରିବେ।

ଓଡ଼ିଶା ନଗର ଉନ୍ନୟନ ବିଭାଗର ଅନୁମୋଦନକ୍ରମେ କେରଳ ଯାଉଥିବା ଟିମରେ ବିଜେଡି କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ଶ୍ୱେତାରେଖା ତ୍ରିପାଠୀ, ସୋନାଲି ଗନ୍ତାୟତ, ତିରୁପତି ପାତ୍ର, ସମୀର କୁମାର ମିଶ୍ର, ମଳୟ କୁମାର ବିଶୋୟୀ, ସୂର୍ଯ୍ୟକାନ୍ତ ସୁବୁଦ୍ଧି ଓ ଆଇ. ଶ୍ରୀନିବାସ ରାଓ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା କର୍ପୋରେଟର ପ୍ରଦୀପ କୁମାର ଶତପଥୀ ଓ ସ୍ୱାଧୀନ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ନାମ ମଧ ରହିଛି। ତେବେ ନିଗମକୁ ନିର୍ବାଚିତ ଏକମାତ୍ର କଂଗ୍ରେସ ମହିଳା କର୍ପୋରେଟରଙ୍କ ନାମ ନଥିବା ରାଜନୈତିକ ଚର୍ଚ୍ଚାକୁ ଆସିଯାଇଛି। ନିଗମ ସୂତ୍ରରୁ ମିଳିଥିବା ଖବର ଅନୁସାରେ ମେୟର, ଡେପୁଟି ମେୟର ଓ ୧୦ କର୍ପୋରେଟରଙ୍କ ଯିବା ଆସିବା ବିମାନ ଟିକେଟ ବିଏମସି ପକ୍ଷରୁ ବହନ କରାଯିବ। ଥିରୁଭାନନ୍ତପୁରମରେ ରହଣି ଓ ଅନ୍ୟାନ୍ୟ ଖର୍ଚ୍ଚ କେରଳ ସରକାରଙ୍କ ମ୍ୟୁନିସିପାଲ କର୍ପୋରେସନ ବ୍ୟୟ କରିବ। ଟିମ୍ ସେଠାର ସହରାଞ୍ଚଳ ଉନ୍ନୟନ ଯୋଜନାଗୁଡ଼ିକ ଅନୁଧାନ କର ଆସିବା ପରେ ରେଶମ ସହରରେ ସେହି ଢ଼ାଞ୍ଚାରେ କାର୍ଯ୍ୟକାରୀ ଲାଗି ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

# ତ୍ରିଧାରା ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ୍,୧୨।୧୨

ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଆଇଟିଆଇ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦର ସଭାପତି ଉମାଚରଣ ମିଶ୍ର ଏଥିରେ ସଭାପତିତ୍ୱ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟଅତିଥି, ଡ. ଇଂ. ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା, ଓଡ଼ିଶା ସାହିତ୍ୟ ଏକାଡେମୀ ଅର୍ଥକମିଟି ସଦସ୍ୟ ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ ଅତି ସୁନ୍ଦର ଓ ସୁରକ୍ଷିତ। ବିଜ୍ଞାନ ଠାରୁ ସାହିତ୍ୟ ଉର୍ଦ୍ଧ୍ୱରେ ରହିଛି। ଆଞ୍ଚଳିକତା ଅନୁଯାୟୀ ଭାଷା ଓ ସାହିତ୍ୟ ତାହା ବିସ୍ତାର ଓ ପ୍ରସାର ଲାଭ କରିଛି ବୋଲି ଅତିଥିମାନେ କହିଥିଲେ। ପ୍ରଥମ ଅଧିବେଶନରେ ମୁଖପତ୍ର ଭାରତୀ ପତ୍ରିକା, ଚନ୍ଦ୍ର ଶେଖର ଦାଶଙ୍କ ଆଧ୍ୟାତ୍ମିକ ପୁସ୍ତକ ରାଧା ସ୍ତୋତ୍ରମ ଓ ବଂଶୀଧର ସେଠୀଙ୍କ କବିତା ପୁସ୍ତକ ପରିବେଶ ଗୀତି ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଡ. ପ୍ରମୋଦ କୁମାର ଦ୍ୱିବେଦୀଙ୍କୁ ବାବା ବୈଦ୍ୟନାଥ ସ୍ମୃତି ସମ୍ମାନ ଡ. ସଞ୍ଜୟ କୁମାର ପଣ୍ଡାଙ୍କୁ ଇ. ରଜନୀକାନ୍ତ ପଣ୍ଡା ସ୍ମୃତି ସମ୍ମାନ, ଲଳିତ କୁମାର ସ୍ୱାଇଁଙ୍କୁ ତ୍ରିଧାରା ଯୁବ ସମ୍ମାନ ଓ ଗାୟତ୍ରୀ ପାଣିଗ୍ରାହୀଙ୍କୁ ଭାରତୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ମାସିକ ଆସରର ଆଲୋଚକ, ପୁସ୍ତକ ଉନ୍ମୋଚନ କରିଥିବା ସ୍ରଷ୍ଟା ଓ ପୁସ୍ତକ ସମୀକ୍ଷକ ମାନଙ୍କୁ ମାନପତ୍ର ଓ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ଡ. ପ୍ରମୋଦ କୁମାର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଉଚ୍ଚଶିକ୍ଷା ବିଭାଗ ଦକ୍ଷିଣାଞ୍ଚଳ ଉପସଚିବ ଡ. ସୁଶାନ୍ତ ଦାସ, ମୁଖ୍ୟବକ୍ତା ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ସମୀର ଭୋଇ, ସମ୍ମାନିତ ଅତିଥି ରୂପେ ବୁଗୁଡା ପିପୁଲସ୍ କଲେଜ ଓଡ଼ିଆ ଅଧ୍ୟାପକ ଡ. ହିମାଂଶୁ ଶେଖର ରଥ, ସାମନ୍ତିଆପଲ୍ଲୀ ଶ୍ରୀଭରତ ପତି ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ତୃତୀୟ ଅଧିବେଶନ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ରୁ ଉର୍ଦ୍ଧ୍ୱ କବିତା ପାଠ କରାଯାଇଥିଲା। ସାହିତ୍ୟ ସଂସଦ ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପ୍ରମାଣ ଅଭାବରୁ ୩ ଅଭିଯୁକ୍ତ ନିର୍ଦ୍ଦୋଷ

## କୋଚିଂ ସେଣ୍ଟରରେ ଛାତ୍ରଙ୍କୁ ରାଗିଂ ମାମଲା

ବ୍ରହ୍ମପୁର ଅଫିସ,୧୨।୧୨

ଏସ୍‌ଡିଜେଏମ୍ ପ୍ରଜ୍ଞା ପରମିତା ପ୍ରତିହାରୀ ଏକ ରାଗିଂ ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଭାବାନଗରରେ ଥିବା ସ୍ୱେକ୍ସୋମାଇଣ୍ଡ ଆବାସିକ କୋଚିଂ ସେଣ୍ଟରର ମାଲିକ ମନୋଜ କୁମାର ମହାପାତ୍ର, ତାଙ୍କ ସ୍ତ୍ରୀ ସୁଜାତା କୁମାରୀ ପାଢ଼ୀ ଓ ଅନ୍ୟ ଜଣେ ଛାତ୍ର ଜରଡ଼ା ଥାନା ଅନ୍ତର୍ଗତ ବି. ନୂଆଗାଁର ଅମିଶ କୁମାର ବେହେରା। ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢୁଥିବା ଆସିକା ଥାନା ଅଞ୍ଚଳର ଜଣେ ଛାତ୍ରଙ୍କୁ ଭାବନଗରରେ ଥିବା ସ୍ୱେକ୍ସୋମାଇଣ୍ଡ ଆବାସିକ କୋଚିଂ ସେଣ୍ଟରରେ ରହୁଥିବା ବେଳେ ତାଙ୍କୁ ନିର୍ଯାତନା ଦିଆଯାଉଥିଲା। କୋଚିଂ ସେଣ୍ଟର ମାଲିକ, ତାଙ୍କ ସ୍ତ୍ରୀ ଓ ଯୁକ୍ତ ୩ର ଛାତ୍ର ମାନସିକ, ଶାରୀରିକ ଓ ଯୌନ ନିର୍ଯାତନା ଦେବା ସହ ରାଗିଂ କରୁଥିଲେ ବୋଲି ପୀଡ଼ିତ ଛାତ୍ରଙ୍କ ମା' ବୈଦ୍ୟନାଥପୁର ଥାନାରେ ଗତ ଜାନୁୟାରୀ ୨୧ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫/୨୨ରେ ଉକ୍ତ କୋଚିଂ ସେଣ୍ଟର ମାଲିକ ଦମ୍ପତି ଓ ଯୁକ୍ତ ୩ର ଉକ୍ତ ଛାତ୍ରଙ୍କ ନାମରେ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଥାନାରେ ପୋଲିସ ଧାରା ୪୧ ସିଆରପିସିରେ ଜାମିନ ପ୍ରଦାନ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସଆଇ ଦୁଷ୍ମନ୍ତ କୁମାର ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଏସଡ଼ିଜେଏମ ଉକ୍ତ ମାମଲାର ବିଚାର ବେଳେ ଦୁଇଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ପକ୍ଷରୁ ଦାଖଲ ଚାର୍ଜଶିଟକୁ ଆଧାର କରି ପ୍ରମାଣ ମିଳି ନ ଥିବାରୁ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ମାଳତୀ ପାଳ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ ଉପାଧ୍ୟାୟ ଓ କୁମାରେଶ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଗୋପାଳ


@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ପାଠଚକ୍ର

ବ୍ରହ୍ମପୁର,୧୨।୧୨

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଇଂଲିଶ ବିଭାଗରେ ଟି.ଏସ ଇଲିୟଟଙ୍କ ଦି ୱେଷ୍ଟ ଲ୍ୟାଣ୍ଡର ୧୦୦ ଶହେ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଡ.ଆନନ୍ଦ ସେଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପାଠଚକ୍ର ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ.ସୁଦର୍ଶନ ସାହୁ ଯୋଗ ଦେଇଥିଲେ। ପ୍ରଖ୍ୟାତ ଇଂଲିଶ କବି ଟି. ଏସ. ଇଲିୟଟ କେବଳ କବିତା ଭିତରେ ସୀମାବଦ୍ଧ ଥିଲେ ତାହା ନୁହେଁ,



ପାଠଚକ୍ରରେ ଉପସ୍ଥିତ ଅତିଥି ବୃନ୍ଦ।

ସେ ଏକାଧାରରେ ଜଣେ ନାଟ୍ୟକାର, ପ୍ରକାଶକ, ସମାଲୋଚକ ଓ ପ୍ରାବନ୍ଧିକ ମଧ ଥିଲେ ବୋଲି ମୁଖ୍ୟବକ୍ତା କହିଥିଲେ। ତାଙ୍କର କାଳଜୟୀ କୃତି ମଧ୍ୟରେ ଦି ୱେଷ୍ଟ ଲ୍ୟାଣ୍ଡ ଫର କ୍ୱାଟର୍ସ ଆଜି ବି ପାଠକଙ୍କ ମଧ୍ୟରେ ଆଦୃତି ଲାଭ କରିଛି। ଯୁଦ୍ଧ ଓ ଏହାର ଭୟଭୟତା, ମଣିଷର ହତାଶ ଭାଗ, ଯୁଦ୍ଧ ପରବର୍ତ୍ତୀ ବିଷାଦଗ୍ରସ୍ତ ଜୀବନ ଉକ୍ତ କବିତାରେ ପ୍ରତିଫଳିତ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଆଶୁତୋଷ ମଲିକ, କେ.ମମତା ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ.ଆର୍ତ୍ତତ୍ରାଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସିଆ ବୁକ୍ ଅଫ ରେକର୍ଡରେ ସତ୍ୟଙ୍କ କ୍ଷୁଦ୍ରତମ ତ୍ରିରଙ୍ଗା

ବ୍ରହ୍ମପୁର ଅଫିସ୍,୧୨।୧୨

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ କ୍ଷୁଦ୍ରତମ ତ୍ରିରଙ୍ଗା ଏସିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛି। ଗତ ଅଗଷ୍ଟ ମାସରେ ସ୍ୱାଧୀନତା ଦିବସ ଅବସରରେ ସତ୍ୟ ୧ ମିଲିମିଟରର ଜାତୀୟ ପତାକା ନିର୍ମାଣ କରିଥିଲେ। ଏହାକୁ ସେ ଇଣ୍ଡିଆ ବୁକ ଅଫ ରେକର୍ଡନିମନ୍ତେ ଆବେଦନ କରିଥିଲେ। ଅଗଷ୍ଟ ୨୯ ତାରିଖରେ ଏହା ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିଲା। ପରେ ସେ ଏହି କ୍ଷୁଦ୍ରତମ ତ୍ରିରଙ୍ଗାକୁ ଏସିଆ ବୁକ


ସତ୍ୟଙ୍କ ଦ୍ୱାରା ନିର୍ମିତ କ୍ଷୁଦ୍ରତମ ତ୍ରିରଙ୍ଗା।

ରେକର୍ଡରେ ସ୍ଥାନ ଦେବା ନିମନ୍ତେ ସେପ୍ଟମ୍ବର ୭ ତାରିଖରେ ଆବେଦନ କରିଥିଲେ। ବର୍ତ୍ତମାନ ସତ୍ୟଙ୍କ ଏହି କଳାକୃତି ଏସିଆ ବୁକ ଅଫ ରେକର୍ଡ ହାସଲ କରିଛି।

# ଆଞ୍ଚଳିକ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ


ହିଲପାଟଣାସ୍ଥିତ ସଂସ୍କୃତି ଭବନରେ ଆଞ୍ଚଳିକ କଳାକାର ଚୟନ କରାଯାଉଛି।

ବ୍ରହ୍ମପୁର ଅଫିସ,୧୨।୧୨

## ଗୋପାଳପୁର ବେଳାଭୂମି ମହୋତ୍ସବ ପ୍ରସ୍ତୁତି

ଆସନ୍ତା ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମି ମହୋତ୍ସବ ହେବ। ୫ ଦିନିଆ ଏହି ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ କଳାକାର ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନରେ ଦର୍ଶକଙ୍କୁ ବାନ୍ଧି ରଖିବେ। ଏହି ପରିପ୍ରେକ୍ଷୀରେ ସୋମବାର ବ୍ରହ୍ମପୁର ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ଆଞ୍ଚଳିକ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା ଏବଂ ଜିଲା ସଂସ୍କୃତି ଅଧିକାରୀ ଜିତେନ କୁମାର ପରିଡା ପରିଚାଳନା କରିଥିଲେ। ପ୍ରଥମ ଦିନ ବିଭିନ୍ନ ଦଳଗତ ନୃତ୍ୟ ପରିବେଷଣ ନିମନ୍ତେ କଳାକାର ଚୟନ ହୋଇଥିଲେ। ଦଳଗତ ନୃତ୍ୟ ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ୯୦ରୁ ଉର୍ଦ୍ଧ୍ୱ ଦଳ ଆବେଦନ କରିଥିବା ବେଳେ ୩୮ ଦଳ ଚୟନ କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଚଳିତଥର ମହୋତ୍ସବରେ ଅଧିକରୁ ଅଧିକ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମଙ୍ଗଳବାର ମଧ ଚୟନ ପ୍ରକ୍ରିୟା ଚାଲୁରହିବ। ନୂତନ ଭାବେ କୌଣସି ଅନୁଷ୍ଠାନ ମହୋତ୍ସବରେ ସାମିଲ ହେବାକୁ ଇଚ୍ଛୁକ ଥିଲେ ମଧ ମଙ୍ଗଳବାର ଆବେଦନ କରିପାରିବେ। ଚୟନ ହୋଇଥିବା ଆଞ୍ଚଳିକ ନୃତ୍ୟ ଦଳ ଗୋପାଳପୁର ବେଳାଭୂମି ମହୋତ୍ସବ ସହ ଜାନୁୟାରୀ ୧୩ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଲ୍ଲୀଶ୍ରୀ ମେଳା, ଛତ୍ରପୁର ସାଂସ୍କୃତିକ ମହୋତ୍ସବରେ ମଧ ନୃତ୍ୟ ପରିବେଷଣ କରିବା ସୁଯୋଗ ପାରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସାଂସ୍କୃତିକ କମିଟିରେ ସଭ୍ୟ ଭାବେ ସଂସ୍କୃତି ବିଭାଗ ପୂର୍ବତନ ସହକାରୀ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ,ଅନିଲ କୁମାର ପାତ୍ର, ଡ:ମିହିର କୁମାର ତ୍ରିପାଠୀ, ନାରାୟଣ ମହାଲ୍ଟୁଡ ପ୍ରମୁଖ ଉପସ୍ଥିତ ଆଚଂଳିକ କଳାକାର ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ।

# ୨.୬୮ ଲକ୍ଷ ଲୁଟିନେଲେ ସାଇବର ଠକ

## ବିଦେଶରେ ଚାକିରି କରିବା ଆଶା ମହଙ୍ଗା ପଡିଲା

ବ୍ରହ୍ମପୁର ଅଫିସ,୧୨।୧୨

ବିଦେଶରେ ଏକ ହୋଟେଲରେ ନିଯୁକ୍ତି କରାଇ ଦେବା ବାହାନାରେ ଜଣେ ବ୍ୟକ୍ତିଙ୍କ ଠାରୁ ୨.୬୮ଲକ୍ଷ ଟଙ୍କା ସାଇବର ଗ୍ୟାଙ୍ଗ ଲୁଟି ନେଇଛନ୍ତି। ଠକେଇର ଶିକାର ଛତ୍ରପୁର ଅଞ୍ଚଳର ନେତ୍ରାନନ୍ଦ ସାହୁ ବ୍ରହ୍ମପୁର ସାଇବର ଓ ଅପରାଧ ଥାନାରେ ଏହି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ନେତ୍ରାନନ୍ଦଙ୍କ ଅଭିଯୋଗ ମୁତାବକ, ନ୍ୟୁଜିଲାଣ୍ଡରେ ଏକ ହୋଟେଲରେ ନିଯୁକ୍ତି ପାଇଁ ଗତ ମାସ ୯ତାରିଖରେ ତାଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଏଥିସହ ତାଙ୍କ ମେଲ୍ ଆଇଡିକୁ ମଧ ଆପଏଣ୍ଟମେଣ୍ଟ ପାଇଁ ଅଫର୍ ଲେଟର୍ ଓ ଭିସା ଆପ୍ରୁଭାଲ୍ ଲେଟର ଆସିଥିଲା। ଏହା ପରେ ମଧ ଫୋନରେ ତାଙ୍କର ସାକ୍ଷାତକାର(ଇଣ୍ଟରଭ୍ୟୁ) ନିଆଯାଇଥିଲା। ତେବେ ଭିସା ପ୍ରୋସେସ୍, ବର୍ଡ଼ର କ୍ଲିୟରାନ୍ସ, ଏଣ୍ଟିଗେଟ୍ ପାସ୍ ଆଦି ପାଇଁ ସେମାନଙ୍କ ଦାବି ମୁତାବକ ୨,୬୮,୫୮୦ଟଙ୍କା ସେମାନେ ଦେଇଥିବା ବିଭିନ୍ନ ଆକାଉଣ୍ଟରେ ନେତ୍ରାନନ୍ଦ ପୈଠ କରିଥିଲେ। ପୁଣିଥରେ ମେଡିକାଲ ଏବଂ ଭିସା ଷ୍ଟାମ୍ପିଂ ପାଇଁ ୧,୩୫,୦୦୦ଟଙ୍କା ସାଇବର ଅପରାଧୀ ମାନେ ମାଗିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେ ଆଉ ଟଙ୍କା ଦେଇନଥିଲେ। ତେବେ ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# କୁଇ ଲିପି ପ୍ରଦର୍ଶନୀ ଉଦ୍‌ଯାପିତ

ଫୁଲବାଣୀ ଅଫିସ, ୧୨।୧୨

ଫୁଲବାଣୀସ୍ଥିତ ଏକ ହୋଟେଲ ପରିସରରେ ୩ଦିନ ଧରି ଚାଲିଥିବା କୁଇ ଭାଷା ସାହିତ୍ୟ ସମିତି ଏବଂ ଜିଲା କୁଇଦିନା ପକ୍ଷରୁ କୁଇ ଲିପି ପ୍ରଦର୍ଶନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭ ଜଣ ଲିପିକାର ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଦୀନବନ୍ଧୁ କହଁରଙ୍କ ପକ୍ଷରୁ ପ୍ରସ୍ତୁତ କୁଇ ଲିପିକୁ ଚୂଡାନ୍ତ କରାଯାଇଛି । ଏହାକୁ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି କୁଇ ସମାଜ ସେବା ସମିତିର ସମ୍ପାଦକ ଇଂ ଅବନୀ କହଁର ସୂଚନା ଦେଇଛନ୍ତି।

କୁଇ ଭାଷା ବିଶାରଦ ଫିରିଙ୍ଗିଆ ଅଞ୍ଚଳର ଦୀନବନ୍ଧୁ କହଁରଙ୍କୁ ତାଙ୍କର ଏହି ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ବିଭନ୍ନ ଆଦିବାସୀ ଓ ଅନ୍ୟ ଭାଷା ବିଶାରଦ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଉଦଯାପନୀରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାରିପଦାର ସାନ୍ତାଳୀ ଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଜି .ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଭାକର ପ୍ରଧାନ, ସାନ୍ତାଳୀ ଲେଖକ ଗଙ୍ଗାଧର ହଂସଦା, ଡ଼ିଏସପି ଗୁଣନିଧି ମଲ୍ଲିକ, ଆଦିବାସୀ କର୍ମଚାରୀ ସଂଘ ସମ୍ପାଦକ ଗଙ୍ଗାଧର କହଁର, ଡ ନୀରଦ କହଁର ପ୍ରମୁଖ ଯୋଗ ଦେଇ କୁଇ ଲିପି ଉପରେ ଏବଂ କୁଇ ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ ।



କୁଇ ସମାଜ କର୍ମକର୍ତ୍ତା।

